ପାଠ -୧୦

# ଗାଁ ବୁଲା

ପୁରୁଷୋତ୍ତମପୁର ଗାଁରେ ତିଳୋତ୍ତମା ଦେବୀଙ୍କ ଘର । ପ୍ରଥମାଷ୍ଟମୀ ଦୁଇଦିନ ଥାଏ । ତିଳୋତ୍ତମା ଦେବୀ ତାଙ୍କ ଝିଅ ଅନୁଷ୍କାକୁ ଧରି ବଜାର ବାହାରିଲେ । ବାଟରେ ପୋଷ୍ଟ ଅଫିସ ଦେଖି ଅନୁଷ୍କା ପଚାରିଲା ''ମା', ଏଠାରେ କ'ଣ















ହୁଏ ?’’ ତିଳୋତ୍ତମା ଝିଅର କଥାଶୁଣି ଉତ୍ତର ଦେଲେ, ‘‘ଏହା ଗୋଟିଏ ପୋଷ୍ଟ ଅଫିସ । ଏଠାରେ ପୋଷ୍ଟକାର୍ଡ଼, ଲଫାପା, ଅନ୍ତର୍ଦ୍ଦେଶୀୟ ପତ୍ର, ଟେଲିଗ୍ରାମ୍ ଫର୍ମ ଇତ୍ୟାଦି ମିଳେ । ଦୂରଜାଗାକୁ ଟଙ୍କା ପଠାଇବା ଓ ଖବର ପଠାଇବାରେ ପୋଷ୍ଟ ଅଫିସ ସାହାଯ୍ୟ କରେ । ଆଜିକାଲି ମୋବାଇଲ୍ ଫୋନ୍‌ରେ ବହୁତ ଦୂର ଜାଗାକୁ କମ୍ ସମୟରେ ଖବର ପଠାଯାଇ ପାରୁଛି ।”

କିଛିବାଟ ଗଲାପରେ ଅନୁଷ୍କା ମସ୍‌ଜିଦ୍‌ଟିଏ ଦେଖି ପଚାରିଲା, “ମା’, ଏଇଟା କ’ଣ ?” ମା’ କହିଲେ “ଏ ହେଉଛି ମସ୍‌ଜିଦ୍ । ମୁସଲମାନମାନେ ଏଠି ପ୍ରାର୍ଥନା କରନ୍ତି । ହିନ୍ଦୁମାନେ ମନ୍ଦିରରେ ପୂଜାପାଠ କରନ୍ତି । ଭଜନ କୀର୍ତ୍ତନ କରନ୍ତି । ସେଭଳି ଖ୍ରୀଷ୍ଟିୟାନ୍‌ମାନେ ଗିର୍ଜାରେ ପ୍ରାର୍ଥନା କରନ୍ତି ।




ଶିଖ୍‌ମାନେ ଗୁରୁଦ୍ୱାରରେ ପ୍ରାର୍ଥନା କରନ୍ତି । ମସ୍‌ଜିଦ୍, ମନ୍ଦିର, ଗିର୍ଜା, ଗୁରୁଦ୍ୱାର ଗୋଟିଏ ଗୋଟିଏ ଧର୍ମ ଅନୁଷ୍ଠାନ । ସବୁ ଧର୍ମ ସମାନ। କେହି ସାନ ବଡ଼ ନୁହନ୍ତି।”







ଅନୁଷ୍କା ପଚାରିଲା, "ମା', ଆମେ ପୋଷାକ କିଣିବାନାହିଁ କି ?" ତିଳୋତ୍ତମା ଦେବୀ ଉତ୍ତର ଦେଲେ "ହଁ, ଆମେ ତ ଆସି ବଜାର ପାଖରେ ପହଞ୍ଚିଗଲେ ।"

ଅନୁଷ୍କା କହିଲା, "ମା', ତୁମେ ଯେଉଁ ହାଟକୁ ଯାଅ ସେଇଟା ପୁଣି କ'ଣ ?" ତିଳୋତ୍ତମା ଦେବୀ କହିଲେ, "ହାଟ ସାତଦିନରେ ଥରେ ବା ଦୁଇଥର ବସେ । ବିଭିନ୍ନ ପ୍ରକାରର ଜିନିଷ ମିଳେ । ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି କିଣାବିକା କରନ୍ତି । ହାଟ ସରିଲା ପରେ ଦୋକାନଗୁଡ଼ିକ ସବୁ ଉଠିଯାଏ । ଗୋଟିଏ ଜାଗାରେ ବିଭିନ୍ନ ପ୍ରକାରର ଦୋକାନ ଥିଲେ ତାକୁ ବଜାର କହନ୍ତି । ଏହା ସବୁଦିନ ଖୋଲାରୁହେ ।" ତା'ପରେ ଅନୁଷ୍କାର ଜାମା କିଣା ହେଲା । ସେ ଖୁସିମନରେ ଘରକୁ ଫେରିଲା ।



# ଅଭ୍ୟାସ

## ୧ । ପଢ଼ ।

| | | | |
|---|---|---|---|
| ନଷ୍ଟ | ଶୁଷ୍କ | ବୃତ୍ତ | ଷଷ୍ଠ |
| କଷ୍ଟ | କନିଷ୍କ | ଉତ୍ତାପ | ଓଷ୍ଠ |
| ମୁଷ୍ଟି | ପରିଷ୍କାର | କାର୍ତ୍ତିକ | ଶ୍ରେଷ୍ଠ |
| ତୁଷ୍ଟ | ପୁଷ୍କରିଣୀ | ଉତ୍ତମ | ନିଷ୍ଠା |

## ୨ । ପଢ଼ ଓ ଲେଖ ।

ସନ୍ତୁଷ୍ଟ ________ ଆବିଷ୍କାର ________ ଦେବଦତ୍ତ ________

ବୃଷ୍ଟି ________ ପୁରସ୍କାର ________ ଉତ୍ତର ________

ଦୁଷ୍ଟ ________ ଅପରିଷ୍କାର ________ ଶର୍ମିଷ୍ଠା ________

ସନ୍ତୁଷ୍ଟ ________ ବଶିଷ୍ଠ ________ କନିଷ୍ଠ ________

## ୩ । ଯୁକ୍ତାକ୍ଷର ଅନୁଯାୟୀ ତଳକୋଠରୀକୁ ଶବ୍ଦଗୁଡ଼ିକୁ ନିଅ ।

ବୃଷ୍ଟି, ଶୁଷ୍କ, ସୃଷ୍ଟି, ଓଷ୍ଠ, ଉତ୍ତର, କନିଷ୍କ, ଉତ୍ତାପ, ନିଷ୍ଠା, ବୃତ୍ତି, ନିଷ୍କାସନ, ଚେଷ୍ଟା, ପୁଷ୍କରିଣୀ, ଦୁଷ୍ଟ, ଜ୍ୟେଷ୍ଠ, ଶିଷ୍ଟ ।

| ଷ୍ଟ | ଷ୍କ | ଷ୍ଠ | ତ୍ତ |
|---|---|---|---|
| | | | |

## ୪ । ପଢ଼ ଓ ଲେଖ ।

(କ) ଜ୍ୟେଷ୍ଠମାସରେ ସୂର୍ଯ୍ୟଙ୍କ ଉତ୍ତାପ ଅଧିକ ଥାଏ ।

______________________________ ।

(ଖ) ପ୍ରଭୁରାମଚନ୍ଦ୍ର ଲକ୍ଷ୍ମଣଙ୍କର ଜ୍ୟେଷ୍ଠଭାଇ ଅଟନ୍ତି ।

______________________________ ।

(ଗ) ସମ୍ବଲପୁରରେ ଶୀତଳଷଷ୍ଠୀ ଏକ ପ୍ରସିଦ୍ଧଯାତ୍ରା ।

______________________________ ।

(ଘ) ଅନୁଷ୍କାର ଭାଇ ଷଷ୍ଠ ଶ୍ରେଣୀରେ ପଢ଼େ ।

______________________________ ।

(ଙ) ଦୁଷ୍ଟଲୋକଙ୍କଠାରୁ ଦୂରରେ ରୁହ ।

______________________________ ।

(ଚ) ନିଷ୍ଠାବାନଲୋକ ସବୁବେଳେ ଉନ୍ନତି କରନ୍ତି ।

______________________________ ।

(ଛ) କେବେବେଳେ ବି ଦୁଷ୍ଟାମି କରନାହିଁ ।

______________________________ ।

(ଜ) ଶାନ୍ତଶିଷ୍ଟ ପିଲାଙ୍କୁ ସଭିଏଁ ଆଦର କରନ୍ତି ।

______________________________ ।


(ଝ) ଜାତୀୟସମ୍ପତ୍ତି ନଷ୍ଟ କରିବା ଉଚିତ ନୁହେଁ ।

______________________________ ।

(ଞ) ସର୍ବଦା ପରିଷ୍କାର ରୁହ ଓ ଚାରିପାଖ ପରିଷ୍କାର ରଖ ।

______________________________

୫ । ଶବ୍ଦ ଗଢ଼ । ଯେପରି -




୬ । ଖାଲିଜାଗାରେ ଯେ କୌଣସି ଦୁଇଟି ଚିତ୍ରକର ।

ପୋଷ୍ଟକାର୍ଡ଼ ଚିତ୍ର

ବୃତ୍ତର ଚିତ୍ର

ମୁଷ୍ଟିର ଚିତ୍ର

୭ । ପୂରଣ କର ।

| | | |
|---|---|---|
| ସୃ________ | ଷ________ | ପୃ________ |
| ସମ________ | ପୁ________ | ବୃ________ |
| ଓ________ | ନି________ | |

## ୮ । କେଉଁଠିକୁ ଯିବା –

(କ) ପୋଷ୍ଟକାର୍ଡ଼ କିଣିବା ପାଇଁ ______________________

(ଖ) ପରିବା କିଣିବା ପାଇଁ ______________________

(ଗ) ପୋଷାକ କିଣିବା ପାଇଁ ______________________

(ଘ) ଟଙ୍କା ପଠାଇବା ପାଇଁ ______________________

## ୯ । ଉତ୍ତର ଲେଖ ।

**(କ) ତୁମ ଗାଁ ନିକଟରେ ଥିବା ପୋଷ୍ଟଅଫିସରେ କ'ଣ କ'ଣ କିଣିବାକୁ ମିଳେ ?**

______________________________________________

______________________________________________ ।

**(ଖ) ତୁମ ଅଞ୍ଚଳର ଲୋକମାନେ କେଉଁଠାରେ ଟଙ୍କା ଜମା ରଖନ୍ତି ?**

______________________________________________

______________________________________________ ।

**(ଗ) ପୋଷ୍ଟଅଫିସରେ କି କି କାମ ହୁଏ ?**

______________________________________________

______________________________________________ ।

(ଘ) ତୁମ ଘର ନିକଟରେ କେଉଁସବୁ ଧର୍ମ ଅନୁଷ୍ଠାନ ଅଛି ?

_______________________________________________

_______________________________________________ ।

(ଙ) ତୁମ ଗାଁ/ଅଞ୍ଚଳରେ କେଉଁ ଦିନ ହାଟ ହୁଏ ? ସେହି ହାଟରେ କ'ଣ କ'ଣ ବିକ୍ରି ହୁଏ ?

_______________________________________________

_______________________________________________ ।

(ଚ) ତୁମ ଗାଁ ନିକଟରେ କେଉଁଠାରେ ବଜାର ଅଛି ? ବଜାରରୁ ତୁମ ଗାଁ ଲୋକମାନେ କ'ଣ କ'ଣ କିଣନ୍ତି ?

_______________________________________________

_______________________________________________ ।

(ଛ) ତୁମ ଗାଁ ନିକଟରେ ହାଟ ନ ଥିଲେ ତୁମର କ'ଣ ଅସୁବିଧା ହୁଅନ୍ତା ?

_______________________________________________

_______________________________________________ ।

(ଜ) କୌଣସି କାରଣରୁ ତୁମ ଅଞ୍ଚଳ/ଗାଁରେ ପୋଷ୍ଟ ଅଫିସ ବନ୍ଦ କରି ଦିଆଗଲେ ତୁମର କି କି ଅସୁବିଧା ହେବ ?


_______________________________________________

_______________________________________________

# ଆମେ ଏବେଯାଏ କ'ଣ ଶିଖିଲେ

| 'ନ' ଫଳା ୍ନ | 'ଳ' ଫଳା ୍ଳ | 'ୱ' ଫଳା ୍ୱ |
| --- | --- | --- |
| 'ଯ' ଫଳା ୍ୟ | ରେଫ୍ 'ର୍' | ସ୍କ |
| ଣ୍ଡ | ଣ୍ଢ | ଚ୍ଛ |
| ନ୍ତ | ନ୍ଥ | ନ୍ଦ |
| ନ୍ଧ | ମ୍ପ | ମ୍ଫ |
| ମ୍ବ | ମ୍ଭ | ଷ୍କ |
| ଷ୍ଟ | ଷ୍ଠ | ଓ |
| | | ର୍ଣ୍ଡ |





**ପାଠ - ୧୦**

# ଶିକ୍ଷକ ଓ ଅଭିଭାବକଙ୍କୁ ସୂଚନା

**ପିରିୟଡ଼ ସଂଖ୍ୟା – ୪୦**

**କ'ଣ ଶିଖିବେ –**

**ଭାଷା:**
- ଷ୍କ, ଷ୍ଠ, ଷ୍ଟ, ଉ ଯୁକ୍ତାକ୍ଷର ଚିହ୍ନିବେ ।
- ଠିକ୍ ବନାନ, ଯୁକ୍ତ ଶବ୍ଦ ପଢ଼ିବା ଶିଖିବେ । କୋଠରି, କୋଠରୀ - ଉଭୟ ଠିକ୍ । ଏହା ପିଲାଙ୍କୁ ଜଣାଇବେ ।
- ଶିଖିଥିବା ଯୁକ୍ତାକ୍ଷର ଠିକ୍ ରୂପେ ଲେଖିବେ ।
- ଠିକ୍ ବନାନ ସହିତ ପରିଷ୍କାର ଭାବରେ ଶବ୍ଦ ଓ ବାକ୍ୟ ଲେଖିବେ ।
- ଶୁଣୁଥିବା, କହୁଥିବା, ପଢୁଥିବା ଓ ଲେଖୁଥିବା ବିଷୟକୁ ଭଲ ଭାବରେ ବୁଝି ପାରିବେ ।

**ପରିବେଶ:**
- ଆମ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାଟବଜାର, ପ୍ରାର୍ଥନାସ୍ଥଳୀ, ପୋଷ୍ଟଅଫିସ ।
- ଶିକ୍ଷକ ପ୍ରଥମେ ପାଠଟିକୁ ଆମୂଳଚୂଳ ପଢ଼ିବେ ଓ ବିଭିନ୍ନ ଭାଗକୁ ଅଲଗା କରିବେ ।
- ପ୍ରତ୍ୟେକ ଧର୍ମସ୍ଥାନ/ପୀଠ ଉପରେ ଗୁରୁତ୍ୱ ଦେବାକୁ ଚେଷ୍ଟା କରାଯାଇଛି । ଆବଶ୍ୟକ ସ୍ଥଳେ ପୀଠଗୁଡ଼ିକ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିବେ ।
- ପିଲାମାନଙ୍କୁ ଚିତ୍ରଗୁଡ଼ିକ ମନୋଯୋଗ ଦେଇ ଦେଖିବାକୁ ଦେବେ ।
- ଚିତ୍ରକୁ ଦେଖି ସେମାନେ ଦେଖିଥିବା ପୂଜାପୀଠଗୁଡ଼ିକ ସମ୍ପର୍କିତ ଅନୁଭୂତି ଶ୍ରେଣୀରେ କହିବାକୁ ସୁଯୋଗ ଦେବେ ।
- ପୋଷ୍ଟଅଫିସ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବେ ।
- ପ୍ରଥମେ ପୋଷ୍ଟଅଫିସ ଭାଗଟିକୁ ଆଲୋଚନା କରାଇବେ ଓ ପିଲାମାନେ ଚିହ୍ନିପାରୁନଥିବା ନୂଆ ଯୁକ୍ତାକ୍ଷରକୁ କଳାପଟାରେ ଲେଖିବେ ଓ ଅକ୍ଷରକୁ ପିଲାଙ୍କ ଦ୍ୱାରା ଚିହ୍ନାଇବେ ।
- ଅଧିକ ଯୁକ୍ତାକ୍ଷର ସମ୍ପର୍କିତ ଶବ୍ଦ ପଚାରି ଆଦାୟ କରିବେ ।
- ପିଲାଙ୍କୁ ଶବ୍ଦଖେଳ ଖେଳିବାକୁ ସୁଯୋଗ ଦେବେ । ଉଚ୍ଚାରଣ କରିବା ସୁଯୋଗ ଅଧିକରୁ ଅଧିକ ଦେବେ ।
- ଧର୍ମପୀଠଗୁଡ଼ିକର ଚିତ୍ର ସଂଗ୍ରହ କରିବାକୁ ଦେବେ ।
- ବିଭିନ୍ନ ଚିତ୍ରର ଆଲବମ୍ କରିବାକୁ ସୁଯୋଗ ଦେବେ ।

**ଅଭ୍ୟାସ:**
- ଅଭ୍ୟାସକାର୍ଯ୍ୟଗୁଡ଼ିକରେ ନିର୍ଦ୍ଦେଶ ଅନୁସାରେ କାମ କରାଇବେ ।
- ନଂ.-୧ ଶବ୍ଦଗୁଡ଼ିକ ସେମାନେ ନିଜେ ପଢ଼ିଲାପରେ ଆଦାୟ କରିବେ ।
- ଦିଆଯାଇଥିବା ପ୍ରଶ୍ନ.-୯କୁ ଆଲୋଚନା କରିବାକୁ ଦେବେ ଓ ବ୍ୟକ୍ତିଗତ ଭାବରେ ଲେଖିବାକୁ କହିବେ ।
- ବ୍ୟକ୍ତିଗତ ଭାବରେ ଲେଖିବାପରେ ଦଳରେ ପରସ୍ପର ପଢ଼ିବାକୁ ଦିଆଯାଇପାରେ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଶ୍ରେଣୀରେ ଆଦାୟ କରିବେ ।